

# ବାଲିଅନ୍ତାରେ ହାଇ ଟେନ୍ସନ୍; ବ୍ୟାପକ ଫୋର୍ସ ମୁତୟନ







ଭୁବନେଶ୍ୱର/ହଂସପାଳ, ୮।୫(ସମିସ): ବାଲିଅନ୍ତା ଥାନାରେ ଗୁରୁବାର ତମାମ୍ ହାଇ ଟେନ୍ସନ୍ ଦେଖାଦେଇଛି। ରାସ୍ତାରେ ପ୍ରଥମେ ଯୁବତୀଙ୍କୁ ନିବସ୍ତ୍ର କରିଗଲା। ଏହାର ପ୍ରତିବାଦରେ ଲୋକେ ଆଇନ୍‌କୁ ହାତକୁ ନେଇ ବୀଭତ୍ସ ଭାବେ ଜିଆରପି କନ୍‌ଷ୍ଟେବଲ୍ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ହାତ ଗୋଡ଼ ବାନ୍ଧି ପିଟି ପିଟି ହତ୍ୟା କରିଦେଲେ। ପୁଲିସ ଉପସ୍ଥିତିରେ ଏଭଳି ଘଟଣା ଘଟିଥିଲେ ବି ପୁଲିସ ଦେଖଣାହରୀ ସାଜିଲା। ଏହାକୁ ନେଇ ଜନଅସନ୍ତୋଷ ବଢ଼ିବାକୁ ଲାଗିଲା। ଏହାପରେ ପୁଲିସର ପାରିବାର ପଣିଆ ଆଉ କାର୍ଯ୍ୟାନୁଷ୍ଠାନରେ ଅହେତୁକ ବିଳମ୍ବ ଯୋଗୁଁ ସୌମ୍ୟଙ୍କ ପରିବାର ଲୋକ ଏବଂ ତାଙ୍କ ଗ୍ରାମବାସୀ ଉତ୍ତେଜିତ ହୋଇ ବାଲିଅନ୍ତା ଥାନା ଘେରାଉ କରିଛନ୍ତି।

## ବେଣ୍ଣୁପୁର ପୁରୁଷ ଶୂନ୍ୟ

ସୌମ୍ୟ ହତ୍ୟା ମାମଲାରେ ପୁଲିସ ୫ଜଣଙ୍କୁ ଗିରଫ କରିଛି। ଗିରଫଦାରୀ ପରେ ଏବେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବେଣ୍ଣୁପୁର ଗ୍ରାମବାସୀଙ୍କୁ ଦେଖିବା ମାତ୍ରେ ପୁଲିସ ଉଠାଇ ନେଉଛି। ଏଣୁ ବେଣ୍ଣୁପୁର ଗ୍ରାମ ଏବେ ପୁରୁଷଶୂନ୍ୟ ହୋଇଯାଇଛି। ତେବେ ଗିରଫଦାରୀ ସଂଖ୍ୟା ଅଗକୁ ବଢ଼ିପାରେ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍

ବାଲିଅନ୍ତା ବୀଭତ୍ସ ହତ୍ୟା ମାମଲାରେ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଛାନ୍‌ବିନ୍ ଆରମ୍ଭ କରିଛି। ଜିଆର୍‌ପି କନ୍‌ଷ୍ଟେବଲ୍ ସୌମ୍ୟଙ୍କ ରକ୍ତ ନମୁନା ସଂଗ୍ରହ କରିବାକୁ ଏହି ଟିମ୍ ପହଞ୍ଚିଥିଲା। ହେଲେ ସାଇଣ୍ଟିଫିକ୍ ଟିମ୍‌କୁ କୌଣସି ରକ୍ତ ନମୁନା ମିଳି ନ ଥିଲା। ତେବେ ସ୍ଥାନୀୟ ଲୋକଙ୍କ ବୟାନ, ପୀଡ଼ିତା ଏବଂ ମୃତକଙ୍କ ପରିବାର ଓ ସମ୍ପର୍କୀୟଙ୍କ ବୟାନ ସମେତ ଆନୁସଙ୍ଗିକ ପ୍ରମାଣ ଆଧାରରେ ପୁଲିସ ତଦନ୍ତ କରିବ ବୋଲି ପୁଲିସ କହିଛି।

## ପରୀକ୍ଷାରେ ଟପର; ମହିଳା ମାମଲାରେ ଗିରଫ

୨୦୧୪ ମସିହାରେ ପୁଲିସ ସେବାରେ କାର୍ଯ୍ୟ ଯୋଗ ଦେଇଥିଲେ। ସେ ଏପିଆର୍ ହୋଇଥିଲେ ପରେ ଓଆର୍ ହେଲେ। ତେବେ ସେ କାର୍ଯ୍ୟାଳୟକୁ ନ ଆସିବାରୁ ତାଙ୍କ ଦରମା ବନ୍ଦ କରାଯାଇଛି। ଆର୍‌ଆଇଙ୍କ ରିପୋର୍ଟ ଆଧାରରେ ତାଙ୍କ ଦରମା ବନ୍ଦ କରାଯାଇଥିଲା। ଅନ୍ୟପକ୍ଷରେ ସୌମ୍ୟଙ୍କ ବିରୋଧରେ ଏକ ମହିଳା ସଂକ୍ରାନ୍ତ ମାମଲା ୨୦୨୪ ମସିହାରେ ରୁଜୁ ହୋଇଥିଲା। ଜଣେ ମହିଳାଙ୍କୁ ପ୍ରତାରଣା କରିଥିଲେ ବୋଲି କଟକ ମହିଳା ଥାନାରେ ଅଭିଯୋଗ ହୋଇଥିଲା। ଏଣୁ କଟକ ମହିଳା ଥାନା ପୁଲିସ ଏକ ୨୦୨୪/୨୧ରେ ଏକ ମାମଲା ରୁଜୁ କରି ଜିଆର୍‌ପି କନ୍‌ଷ୍ଟେବଲ୍ ସୌମ୍ୟଙ୍କୁ ଗିରଫ କରି କୋର୍ଟର୍ ଚାଲାଣ କରିଥିଲା ବୋଲି ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗତା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ୨ରୁ ୩ଟି ଜିମ୍‌ର ମାଲିକ ଥିବା ଖବର ମିଳୁଛି।

## ଗ୍ରାମବାସୀ ଆସି ନ ଥିଲେ ଆମେ ବି ବଞ୍ଚି ନ ଥାନ୍ତୁ; ପୀଡ଼ିତା

ଗଣମାଧ୍ୟମ ସାମ୍ନାରେ ମୁହଁ ଖୋଲିଛନ୍ତି ବାଲିଅନ୍ତା ପୀଡ଼ିତା। ତାଙ୍କ ସହ ଘଟିଥିବା ଲୋମହର୍ଷଣକାରୀ ଘଟଣାକୁ ସେ ଗୋଟି ଗୋଟି କରି ବୟାନ୍ କରାଯାଇଛି। ପୀଡ଼ିତା କହିଛନ୍ତି ବେଣ୍ଣୁପୁର ଆଡ଼ୁ ସ୍କୁଟିରେ ଯୁବତୀମାନେ ସାଇଫନ୍ ଛକ ଆଡ଼କୁ ଯାଉଥିବା ସମୟରେ ରାମଚନ୍ଦ୍ରପୁର କାଜ ନିକଟରେ ନିଛାଟିଆ ରାସ୍ତାରେ ସୌମ୍ୟ ଏବଂ ତାଙ୍କ ସାଙ୍ଗ ଯୁବତୀମାନଙ୍କ ସ୍କୁଟିକୁ ସାଇଡ୍ ମାରିଥିଲେ। ଏହାପରେ ସେମାନେ ପଡ଼ିଗଲେ। ଗାଡ଼ିରେ ଜଣଙ୍କ ଗୋଡ଼ ଫସିଗଲା। ଆଉ ଜଣେ ତଳେ ପଡ଼ିଗଲା। ଏହାଦ୍ୱାରା ସେମାନେ ଗଭୀର ଭାବେ ଆହତ ହେଲେ। ସୌମ୍ୟ ନିଶାଶକ୍ତ ଅବସ୍ଥାରେ ଥିଲେ। ତଳେ ପଡ଼ିଥିବା ଯୁବତୀଙ୍କ ମୁହଁରୁ ଓଢ଼ଣୀ ହଟାଇଲେ। ପରେ ମୁହଁକୁ ବିଧା ମାରି ଚାଲିଲେ। ଫଳରେ ସେ ଅଚେତ ହୋଇଗଲେ। କିଛି ସମୟ ପରେ ସୌମ୍ୟ ପୁଣି ଆସି ମାରିଥିଲେ। ମାଡ଼ ମାରିବା ପରେ ସୌମ୍ୟ ତାଙ୍କ ସାଙ୍ଗ ଓମ୍‌କୁ କହିଥିଲେ ଏହି ଦୁଇ ଝିଅଙ୍କୁ ଧର ରୁମ୍‌କୁ ଅପହରଣ କରି ନେଇଯିବା। ବାରମ୍ବାର ରୁମ୍‌କୁ ନେଇ ଯିବା କଥାକୁ ଦୋହରାଉଥିଲେ। ବଞ୍ଚାଅ ବଞ୍ଚାଅ ବୋଲି ଯୁବତୀମାନେ ଚିତ୍କାର କରିଥିଲେ। ଲୋକେ ଘଟଣାସ୍ଥଳରେ ରୁଣ୍ଡ ହେବା ଆରମ୍ଭ କଲେ। ଲୋକଙ୍କୁ ଦେଖିବା ପରେ ସୌମ୍ୟ ବିଲ ଆଡ଼କୁ ଦୌଡ଼ିବା ଆରମ୍ଭ କଲେ। ଯାହାଫଳରେ ଆମେ ବଞ୍ଚି ଗଲୁ। ନହେଲେ ସେ ମାରି ଦେଇଥାନ୍ତା ନ ହେଲେ ଅପହରଣ କରି ନେଇଥାନ୍ତା। ଲୋକମାନେ ନ ଆସିଥିଲେ ଆମେ ୨ଯୁବତୀ ମଧ୍ୟ ବଞ୍ଚି ପାରି ନଥାନ୍ତୁ। ଏଣୁ ପୁଲିସ ଗ୍ରାମବାସୀଙ୍କୁ ଗିରଫ ନକରୁ। ସେମାନଙ୍କୁ ଛାଡି ଦେଉ।

ତେବେ ପୂର୍ବରୁ ଏମାନଙ୍କୁ ଆମେ କେବେ ଦେଖି ନ ଥିଲୁ। କି ଜାଣି ନାହୁଁ। ସୌମ୍ୟଙ୍କ ସହ କୌଣସି ପ୍ରକାର ସମ୍ପର୍କର୍ ବି ନାହିଁ। କଥାବାର୍ତ୍ତାରୁ ଜଣାପଡୁଥିଲା ଯେ ସୌମ୍ୟ କୌଣସି ଏକ ଯୁବତୀକୁ ଭଲ ପାଉଥିଲେ। ଯୁବତୀଙ୍କ ସହ ତାଙ୍କ ପାଟିତୁଣ୍ଡ ହୋଇଥିଲା। ଏହାକୁ ନେଇ ସେ ପ୍ରତିଶୋଧ ପରାୟଣ ଥିଲେ। ନିଶାସକ୍ତ ଅବସ୍ଥାରେ ଥିବାରୁ ସେ ଆମମାନଙ୍କୁ ଆକ୍ରମଣ କରିଥିଲେ। ଆଉ ରୁମ୍‌କୁ ଉଠାଇ ନେବାକୁ କହିଥିଲେ।

● ଓମ୍‌ଙ୍କ ବୟାନ ରେକର୍ଡ କଲା ପୁଲିସ

## ଡବଲ ଡୋଜ୍ ଷ୍ଟେରଏଡ୍ ନେଇଥିଲେ ସୌମ୍ୟ

ଭୁବନେଶ୍ୱର, ୮।୫(ସମିସ): ଜିଆରପି କନ୍‌ଷ୍ଟେବଲ୍ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କ ଦରମା ବନ୍ଦ ହୋଇଯାଇଥିଲା। ଚାକିରିକୁ ନେଇ ସେ ଚିନ୍ତିତ ଥିଲେ। କିଭଳି ଭାବେ ଏହାକୁ ସମାଧାନ କରିବେ ବାଟ ଖୋଜୁଥିଲେ। ଜିମ୍‌ରେ ଶକ୍ତିବର୍ଦ୍ଧକ ଷ୍ଟେରଏଡ୍‌କୁ ଅଧିକ ମାତ୍ରରେ ନେଉଥିଲେ। ଏହି ଘଟଣା ପୂର୍ବରୁ ସୌମ୍ୟ ଏକ ଜିମ୍‌କୁ ଯାଇଥିଲେ। ସେଠାରେ ସେ ଷ୍ଟେରଏଡ୍‌ର ଡବଲ୍ ଡୋଜ୍ ନେଇଥିଲେ। ଫଳରେ ସେ ବେକାବୁ ହୋଇପଡ଼ିଥିଲେ। ସାଧରଣତଃ ଜିମ୍ କରୁଥିବା ବଡ଼ିବିଲ୍ଡର ସିଙ୍ଗଲ୍ ଡୋଜ୍ ନିଅନ୍ତି। ସିଙ୍ଗିଲ୍ ଡୋଜ୍‌ରେ ବି ଅସୁବିଧା ହୁଏ। କିନ୍ତୁ ସୌମ୍ୟ ସେଦିନ ଡବଲ ଡୋଜ୍ ଷ୍ଟେରଏଡ୍ ନେଇଥିଲେ। ଏକାବେଳେ ୧୫ ଏମ୍‌ଏଲ୍‌ର ଦୁଇଟି ଡୋଜ୍ ନେଇଥିଲେ ବୋଲି ସୌମ୍ୟଙ୍କ ସାଙ୍ଗ ପୁଲିସକୁ ବୟାନ୍ ଦେଇଛନ୍ତି।



ଡବଲ୍ ଡୋଜ୍ ଷ୍ଟେରଏଡ୍ ନେଲା ପରେ ସେ ଓମ୍‌ଙ୍କୁ ଡକାଇଥିଲେ। ତାଙ୍କ ବାଇକ୍‌ରେ ବସି ଆସିଥିଲେ। ରାସ୍ତାରେ ବାଇକ୍‌ରେ ବସିଲା ବେଳେ ସମ୍ଭାଳି ପାରୁ ନ ଥିଲେ। ବେଳେ ବେଳେ ଅଣାୟତ ହୋଇଯାଉଥିଲେ। ସେ ଓମ୍‌ଙ୍କ ବେକକୁ ବାରମ୍ବାର ଚିପୁଥିଲେ। ଏହି ଯୁବତୀମାନଙ୍କୁ କମେଣ୍ଟ ମାରିବାକୁ ଓମ୍ ତାଙ୍କୁ ମନା କରୁଥିଲେ। ଅଟକାଇବାକୁ ଚେଷ୍ଟା କରୁଥିଲେ। ହେଲେ ସେ ଓମ୍‌ଙ୍କ କୌଣସି କଥା ମାନି ନ ଥିଲେ।

ଦୁର୍ଘଟଣା ପରେ ଜଣେ ଯୁବତୀ ତଳେ ପଡ଼ିଯିବାରେ ପରେ ସୌମ୍ୟ ହିଂସ୍ର ହୋଇ ପଡ଼ିଥିଲେ। ପ୍ରଥମେ ଗାଳି ଗୁଲିଜ କଲେ। ସୌମ୍ୟ ସେମାନଙ୍କ ମଧ୍ୟରୁ ଜଣଙ୍କୁ କୁଆଡ଼େ ରାସ୍ତା ଉପରେ ଚୁମ୍ବନ ଦେଇଥିଲେ। ତାଙ୍କ କପଡ଼ା ଫାଡି ଦେଇଥିଲେ। ତାଙ୍କୁ ନିସ୍ତୁତ ମାଡ଼ ମାରିଥିଲେ। ଉପସ୍ଥିତ ଲୋକେ ତାଙ୍କୁ ଅଟକାଇବାକୁ ଚେଷ୍ଟା କଲେ ମଧ୍ୟ ସେ ଚପି ଯିବା ବଦଳରେ ପାଲଟା ଉପସ୍ଥିତ ଲୋକଙ୍କୁ ଆକମ୍ରଣ କରୁଥିଲେ। ଓମ୍ ବି ତାଙ୍କୁ ଅଟକାଇବାକୁ ଚେଷ୍ଟା କଲେ ହେଲେ ସେହି ସମୟରେ ସେ କାହା କଥା ଶୁଣୁ ନଥିଲେ।

## ସୌମ୍ୟରଞ୍ଜନଙ୍କ ପରିବାରକୁ ଭେଟିଲେ ଓଜେସି ପ୍ରତିନିଧି

ଭୁବନେଶ୍ୱର, ୮।୫(ସମିସ): ଓଡ଼ିଶା ଜନତା କଂଗ୍ରେସ (ଓଜେସି)ର ଏକ ପ୍ରତିନିଧି ଦଳ ଶୁକ୍ରବାର କ୍ୟାପିଟାଲ ହସ୍ପିଟାଲରେ ମୃତ ସୌମ୍ୟ ସ୍ୱାଇଁଙ୍କ ପରିବାରକୁ ସାକ୍ଷାତ କରିଛନ୍ତି। ସୌମ୍ୟ ସ୍ୱାଇଁ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ବ୍ରିଜ୍ ନିକଟରେ ଉତ୍ତ୍ୟକ୍ତ ଜନତାଙ୍କ ଆକ୍ରମଣରେ ପ୍ରାଣ ହରାଇଥିଲେ। ଓଜେସି ପ୍ରତିନିଧି ମଣ୍ଡଳୀର ସଭ୍ୟମାନେ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ସାନ୍ତ୍ୱନା ଦେଇଥିଲେ ଏବଂ ଘଟଣା ସମ୍ପର୍କରେ ବିସ୍ତୃତ ତଥ୍ୟ ସଂଗ୍ରହ କରିଥିଲେ। ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଦଳ ତରଫରୁ ଗଭୀର ଉଦବେଗ ପ୍ରକାଶ କରାଯିବା ସହିତ ଓଜେସି ପ୍ରତିଷ୍ଠାତା ସଦସ୍ୟ ପ୍ରଦୀପ ପ୍ରଧାନ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ଓ ପୁଲିସ ମହାନିର୍ଦ୍ଦେଶକଙ୍କ ଅବହେଳା ଏହି ଦୁର୍ଘଟଣାର ସିଧାସଳଖ ଦାୟୀ। ଓଡ଼ିଶାରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛି। ହିଞ୍ଜିଳି, ଢେଙ୍କାନାଳ, କଣାସ, ବ୍ରହ୍ମପୁର ସମେତ ଅନେକ ସ୍ଥାନରେ ଏପରି ଘଟଣା ବାରମ୍ବାର ଘଟୁଛି। ଓଡ଼ିଶାବାସୀ ଏବେ ଦୁଷ୍କର୍ମୀ ଓ ଅସାମାଜିକ ତତ୍ତ୍ୱଙ୍କ ଭୟରେ ରହୁଛନ୍ତି। ଓଜେସି ପୂର୍ବରୁ ଗତ ଗୁରୁବାର ଦିନ ମୁଖ୍ୟ ଶାସନ ସଚିବଙ୍କୁ ଏକ ବିସ୍ତୃତ ସ୍ମାରକପତ୍ର ପ୍ରଦାନ କରି ରାଜ୍ୟରେ ଖରାପ ହେଉଥିବା ଆଇନ ଶୃଙ୍ଖଳା ପରିସ୍ଥିତି ବିଷୟ ଉଠାଇଥିଲେ। ଓଜେସିର ଦାବି ଅନୁଯାୟୀ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ପରିବାରକୁ ୧ କୋଟି ଟଙ୍କା ତୁରନ୍ତ କ୍ଷତିପୂରଣ ପ୍ରଦାନ ସହ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଜଣେ ହାଇକୋର୍ଟ ବିଚାରପତିଙ୍କ ଦ୍ୱାରା ଉଚ୍ଚସ୍ତରୀୟ ନ୍ୟାୟିକ ତଦନ୍ତ କରାଯାଉ। ଆଇନ ଶୃଙ୍ଖଳା ରକ୍ଷାରେ ପୂର୍ଣ୍ଣ ବିଫଳତା ସ୍ୱୀକାର କରି ମୁଖ୍ୟମନ୍ତ୍ରୀ ଏହାର ଉତ୍ତରଦାଇତ୍ୱ ନେବାକୁ ପାର୍ଟି ଦାବି କରିଛି। ଯଦି ଏହି ଅଧୋଗତି ଜାରି ରହେ ତେବେ ଓଡ଼ିଶା ଜନତା କଂଗ୍ରେସ ରାଜ୍ୟର ସମସ୍ତ ଜିଲ୍ଲାରେ ବ୍ୟାପକ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଆରମ୍ଭ କରିବ ବୋଲି ପାର୍ଟି ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ପ୍ରତିନିଧି ଦଳରେ ଶୁଭେନ୍ଦୁ ମଲ୍ଲିକ, ସଂଗ୍ରାମ ମାଝୀ ଓ ବିବେକାନନ୍ଦ ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ।

# ଅସୁରକ୍ଷିତ ଉପକଣ୍ଠ; ଗଳିଗଳିରେ ଅପରାଧ

■ ପୁଲିସ ନିଷ୍କ୍ରିୟତାର ସୁଯୋଗ ନେଉଛନ୍ତି ଅସାମାଜିକ ତତ୍ତ୍ୱ
■ ନିଶା କାରବାରକୁ ନେଇ ଗଢ଼ୁଛି ମୁଣ୍ଡ
■ ସୁରକ୍ଷାକୁ ନେଇ ଚିନ୍ତାରେ ପୁଲିସ ମୁଖିଆ

ଭୁବନେଶ୍ୱର, ୮।୫(ସମିସ): ପୁଲିସ ନିଷ୍କ୍ରିୟତାର ସୁଯୋଗ ନେଇ ରାଜଧାନୀ ଉପକଣ୍ଠ ସମେତ ଦ୍ୱୈତନଗରୀର ବିଭିନ୍ନ ଅଞ୍ଚଳରେ ଅସାମାଜିକଙ୍କ ଉତ୍ପାତକ୍ରମେ ବଢ଼ି ଚାଲିଛି। ଗୁରୁବାର ରାଜଧାନୀ ଉପକଣ୍ଠ ବାଲିଅନ୍ତା ଅଞ୍ଚଳରେ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ଦୁର୍ବୃତ୍ତମାନେ ହତ୍ୟା କରିବା ପରେ ଆଜି ବାଲିପାଟଣା ଅଞ୍ଚଳରେ ଜଣେ ଯୁବକଙ୍କୁ ଲୁହାଛଡ଼ରେ ପିଟି ହତ୍ୟା କରିବା ଭଳି ଅଭାବନୀୟ ଘଟଣା ଘଟିବାରେ ଲାଗିଛି। ଯାହା କ୍ରମେ ପୁଲିସର ଉପରେ ସାଧାରଣ ଲୋକଙ୍କ ଆସ୍ଥା ତୁଟାଇ ଦେଉଛି। ତେବେ ପୂରା ଘଟଣା ଦୁଇଟିକୁ ଅନୁଧ୍ୟାନ କଲେ ପୁଲିସର ନିଷ୍କ୍ରିୟତା ହିଁ ସ୍ପଷ୍ଟ ପ୍ରମାଣିତ ହେଉଛି। ବିଶେଷକରି କମିସନରେଟ୍ ପୁଲିସ ପକ୍ଷରୁ ସହରର ପ୍ରମୁଖ ଅଞ୍ଚଳକୁ ଛାଡ଼ିଲେ ଅନ୍ୟ କୌଣସି ଅଞ୍ଚଳରେ ପାଟ୍ରୋଲିଂ କରାଯାଉନାହିଁ। ଉପକଣ୍ଠବର୍ତ୍ତୀ ଅଞ୍ଚଳର ଅନେକ ଗ୍ରାମ ଅଛି ଯେଉଁଠିକି କାଳେ କାଳେ ପୁଲିସର ପାଦ ପଡୁନାହିଁ। ଏମିତି କି ଥାନାକୁ ଯାଉଥିବା ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆଯାଉନାହିଁ। ଓଲଟା ଅଭିଯୁକ୍ତଙ୍କ ସହ ସଲାସୁତରା କରି ସେଗୁଡ଼ିକୁ ରଫାଦଫା କରିବାକୁ ପୁଲିସ ପକ୍ଷରୁ ଉଦ୍ୟମ କରାଯାଉଛି। କେବଳ ସେତିକି ନୁହେଁ ଗତକାଲିର ବାଲିଅନ୍ତା ହତ୍ୟାକାଣ୍ଡ ହେଉ କି ଆଜି ବାଲିପାଟଣା ହତ୍ୟାକାଣ୍ଡ; ଉଭୟ ଘଟଣାରେ ନିଶା କାରବାରକୁ କେନ୍ଦ୍ରକରି ଘଟିଥିବା ଲୋକଙ୍କ ବୟାନରୁ ଏବଂ ପୁଲିସର ସୂଚନାରୁ ଜଣାପଡ଼ିଛି। ସେହିଭଳି ବାଲିପାଟଣା ହତ୍ୟାକାଣ୍ଡ ଘଟଣାରେ ନିଶା କାରବାରରୁ ଯୁକ୍ତିତର୍କ ହୋଇ ଜଣଙ୍କୁ ଅନ୍ୟଜଣେ ହତ୍ୟା କରିଛନ୍ତି। ଉଭୟ ଘଟଣାରୁ ସ୍ପଷ୍ଟ ହୋଇଛି ଯେ, ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ନିଶା କାରବାର ହିଁ ଅପରାଧର ପ୍ରମୁଖ କାରଣ ପାଲଟିଛି। କେବଳ ବାଲିଅନ୍ତା କି ବାଲିପାଟଣା ନୁହେଁ; ରାଜଧାନୀ ଉପକଣ୍ଠବର୍ତ୍ତୀ ଅଞ୍ଚଳ ଯଥା ତମାଣ୍ଡୋରୁ ଚନ୍ଦକା ଆଦି ଅଞ୍ଚଳରେ ମଧ୍ୟ ଅବାଧ ନିଶା କାରବାର ହିଁ ପ୍ରମୁଖ ଅପରାଧର ମୁଖ୍ୟ କାରଣ ବୋଲି ଜଣାପଡ଼ିଛି। ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ଘଟୁଥିବା ଅପରାଧ ପଛରେ ନିଶା କାରବାର ହିଁ ସ୍ପଷ୍ଟ ହୋଇଛି। ଏହିସବୁ ଅଞ୍ଚଳରେ ଚୋରା ମଦଠାରୁ ଆରମ୍ଭ କରି ବ୍ରାଉନ୍‌ସୁଗାର ବେପାର ଚାଲିଛି। ପୁଲିସ ଜାଣନ୍ତରେ ଏଭଳି ଘଟୁଥିବା କୁହାଯାଉଥିବା ବେଳେ ସାଧାରଣରେ ପୁଲିସର ନିଷ୍କ୍ରିୟତା ନେଇ ପ୍ରଶ୍ନ ଉଠୁଛି। ଯାହାର ସୁଯୋଗ ନେଇ ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ଯୁବଗୋଷ୍ଠୀ ନିଶା କବଳରେ ପଡ଼ି ଅପରାଧ ଭିଆଉଛନ୍ତି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ ଉପକଣ୍ଠବର୍ତ୍ତୀ ଅଞ୍ଚଳର ବାଲି, ଗୋଡ଼ି ଏବଂ ପଥର ମାଫିଆମାନେ ଏଭଳି ଅସାମାଜିକ ତତ୍ତ୍ୱମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ସେମାନଙ୍କ କଳା କାରନାମାକୁ ସୁରକ୍ଷା ଦେବା ପାଇଁ କିଛି ବେକାର ଯୁବଗୋଷ୍ଠୀଙ୍କୁ ନିଶା ଦେଇ ଏଭଳି ଅସାମାଜିକ କାର୍ଯ୍ୟରେ ଲଗାଉଛନ୍ତି।



## ୧.୮ କୋଟି ଠକେଇ; ଆନ୍ଧ୍ରପ୍ରଦେଶରୁ ଜଣେ ଗିରଫ

ଭୁବନେଶ୍ୱର, ୭।୫(ସମିସ): ସରକାରୀ ସହାୟତାପ୍ରାପ୍ତ ସ୍କୁଲରେ ନିଯୁକ୍ତି ନାଁରେ ୧.୮କୋଟିରୁ ଅଧିକ ଠକେଇ ମାମଲାରେ ଇଓଡବ୍ଲ୍ୟୁ(ଅର୍ଥନୈତିକ ଅପରାଧ ଶାଖା) ଜଣେ ଅଭିଯୁକ୍ତଙ୍କୁ ଆନ୍ଧ୍ରପ୍ରଦେଶରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କଲ୍ଲୁରୀ ତିରୁପତି। ସେ ତାଙ୍କ ଏଲୁରୁରେ ଥିବା ଘରେ ଲୁଚିଥିବା ବେଳେ ଗିରଫ କରିଛି ଇଓଡବ୍ଲ୍ୟୁ। ସ୍ଥାନୀୟ କୋର୍ଟରେ ଅଭିଯୁକ୍ତଙ୍କୁ ହାଜର କରିବା ପରେ ଇଓଡବ୍ଲ୍ୟୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣି ଓପିଆଇଡ଼ି କୋର୍ଟରେ ହାଜର କରିଛନ୍ତି। ଗିରଫ ଅଭିଯୁକ୍ତ ଡିଜିଟାଏ ଏଡେଡ୍ ସ୍କୁଲ ପ୍ରାଇଭେଟ୍ ଲିମିଟେଡ୍ ନାମରେ ଏକ ସଂସ୍ଥା ପଞ୍ଜୀକରଣ ହୋଇଥିଲା। ଏହି ସଂସ୍ଥାକୁ ସରକାରୀ ସହାୟତାପ୍ରାପ୍ତ ସ୍କୁଲ ବୋଲି ଫେକ୍ ଦସ୍ତାବିଜ୍ ଦେଖାଇଥିଲେ। ଏପରିକି ଏହି ସରକାରୀ ସହାୟତାପ୍ରାପ୍ତ ସ୍କୁଲରେ ଚାକିରି ପାଇଁ ପ୍ରତି ରାଜ୍ୟ ଲିଡ୍ ଖବାର କାଗଜରେ ବିଜ୍ଞାପନ ଦେଉଥିଲେ। ବିଶେଷ କରି ମୁମ୍ବାଇ, ଦିଲ୍ଲୀ, ହାଇଦରାବାଦ, ଜାମ୍ମୁ ଓ କାଶ୍ମୀର, ଗୁଜୁରାଟ, ମହାରାଷ୍ଟ୍ର, ଓଡ଼ିଶା, ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ ଭଳି ରାଜ୍ୟ ଗୁଡ଼ିଙ୍କୁ ଟାର୍ଗେଟ କରୁଥିଲେ। ସରକାରୀ ଓ୍ୱେବ୍‌ସାଇଟ୍ ଦେଖିବା ଭଳି ସେ ଓ୍ୱେବ୍‌ସାଇଟ୍ କରିଥିଲେ। ବିଜ୍ଞାପନ ଦେଖି ଅନେକ ଶିକ୍ଷିତ ବେପାରୀ ଫର୍ମ ପକାଉଥିଲେ। ଅଭିଯୁକ୍ତ ପ୍ରତି ପିଲାଙ୍କ ଠାରୁ ୧ହଜାର ଟଙ୍କା ଫର୍ମ ପକାଇବା ବାବଦକୁ ନେଉଥିଲେ। ଏହିଭଳି ସେ ଓଡ଼ିଶା ଭଳି ଅନେକ ରାଜ୍ୟରୁ ଚାକିରି ଆଶାୟୀଙ୍କଠାରୁ କୋଟି କୋଟି ଟଙ୍କା ଠକେଇ କରିଥିଲେ। ଅଭିଯୁକ୍ତ ଓ ତା'ର ସଂସ୍ଥାର ଆକାଉଣ୍ଟକୁ ୧.୮ କୋଟି ଆସିଥିବା ତଦନ୍ତରୁ ଜଣାପଡ଼ିଛି। ଏହି ଟଙ୍କାରେ ସେ ଜମି ଏବଂ ଏଟିଏମ୍ ମାଧ୍ୟମରେ ଉଠାଇ ନେଇଥିବା ଜଣାପଡ଼ିଛି। ଓଡ଼ିଶାରୁ ଏଭଳି ଏକାଧିକ ଯୁବକ ଠକାମିର ଶିକାର ହୋଇ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଯେଉଁ ଅଭିଯୋଗ ଆଧାରରେ ଇଓଡବ୍ଲ୍ୟୁ ତାଙ୍କୁ ଗିରଫ କରିଛି।



ଭାରତୀୟ ରେଡକ୍ରସ୍ ସୋଇାଇଟି, ଭୁବନେଶ୍ୱର–କଟକ ଆଞ୍ଚଳିକ ଶାଖା ପକ୍ଷରୁ ବିଶ୍ୱ ରେଡକ୍ରସ୍ ଦିବସ

# ରାଜଧାନୀ ରାଜରାସ୍ତାରେ ତାଳସଜର ମଜା

ଭୁବନେଶ୍ୱର, ୮।୫(ସମିସ)

ପ୍ରଚଣ୍ଡ ଖରାରେ ଦେହ ହାତ ଜଳିଯାଉଥିବା ବେଳେ ଫଳରସ, ଥଣ୍ଡା ପାନୀୟ, ଦହି ଓ ଲସି ଭଳି ପାନୀୟ ପ୍ରତି ଲୋକମାନେ ଆଗ୍ରହ କରିଥାନ୍ତି। କିନ୍ତୁ ଏମାନଙ୍କ ସହ ଏବେ ତାଳସଜ ବି ପ୍ରତିଯୋଗିତା କରୁଛି।

ତେଣୁ ଏବେ ରାଜଧାନୀରେ ମେଲିଛି ତାଳସଜ ପସରା। ସହରର ବହୁ ଜନଗହଳିପୂର୍ଣ୍ଣ ଛକରେ ରାଜପଥ କଡ଼ରେ ତାଳସଜ ବେପାରୀମାନେ ତାଳ ବିକ୍ରି କରୁଛନ୍ତି। ଏହି ବେପାରୀମାନଙ୍କ ପାଖରେ ଗ୍ରାହକମାନେ ବି ଭିଡ଼ ଜମାଉଛନ୍ତି। ଅଦିନିଆ ଫଳ ଓ କଅଁଳ ସୁଆଦିଆ ରସ ଖାଇବାକୁ ସାଧାରଣ ଲୋକଙ୍କ ଠାରୁ ନେଇ ବଡ଼ ବଡ଼ିଆମାନେ ବି ଏହି ବେପାରୀଙ୍କ ପାଖରେ ପହଞ୍ଚୁଛନ୍ତି।



## ଛକ ଛକରେ ଖୋଲିଛି ତାଳ ସଜ ପସରା

ତାଳସଜକୁ ବେପାରୀମାନେ ଦେଢ଼ ମାସରୁ ଦୁଇ ମାସ ବିକ୍ରି କରିଥାନ୍ତି। ଏହି ତାଳସଜ ଗ୍ରାହକଙ୍କୁ ଅଧିକ ପସନ୍ଦ ଆସୁଥିବା ବେଳେ ବେପାରୀମାନେ ବି ବେଶ ଦୁଇ ପଇସା ରୋଜଗାର କରିଥାନ୍ତି।

ପ୍ରତିବର୍ଷ ଏହି ଖରାଦିନରେ ଯାଜପୁର, ବାଲେଶ୍ୱର, ପୁରୀ, ନୟାଗଡ଼, ଗଞ୍ଜାମ ବଲାଙ୍ଗୀର ଭଳି ସହରରୁ ବେପାରୀମାନେ ଟ୍ରକ୍ ଓ ବସ୍ ଯୋଗେ ତାଳସଜ ରାଜଧାନୀକୁ ନେଇ ଆସୁଛନ୍ତି। ଅନେକ କ୍ଷେତ୍ରରେ ଭଡ଼ାରେ ଗାଡ଼ି କରି ଭୁବନେଶ୍ୱରକୁ ତାଳସଜ ଆଣୁଛନ୍ତି। ବର୍ତ୍ତମାନ ଶିରିପୁର ଛକ, ୟୁନିଟ୍-୮ ପାୱାର ହାଉସ୍ ଯିବା ରାସ୍ତା, ରାଜମହଲ ଛକ, ରାମ ମନ୍ଦିର ରାସ୍ତା କଡ଼, କଳିଙ୍ଗ ବିହାର, ଖଣ୍ଡଗିରି, ଗୋପବନ୍ଧୁ ଛକ ଆଦିରେ ପସରା ମେଲାଇଛନ୍ତି ତାଳସଜ।

ଯାଜପୁରରୁ ଆସ ରସୁଲଗଡ଼ ଅଞ୍ଚଳରେ ରହୁଥିବା ପ୍ରଶାନ୍ତ ବେହେରା ପଇଡ଼ ବେପାର କରନ୍ତି ହେଲେ ଏବେ ପଇଡ଼ ମିଳୁ ନ ଥିବାରୁ ସେ ଗୋପବନ୍ଧୁ ଛକରେ ତାଳସଜ ବେପାର କରୁଛନ୍ତି। ଏନେଇ ସେ କୁହନ୍ତି ଯାଜପୁରରୁ ପ୍ରାୟ ୧୦ ହଜାର ଟଙ୍କାର ତାଳ ବିକ୍ରି କରିବା ପାଇଁ ଆଣିଛନ୍ତି। ତାଳ ଗୋଟାକ ୨୦ ଟଙ୍କା ଥିବା ବେଳେ ୬ ଟା ନେଲେ ୧୦୦ ଟଙ୍କା ଦର ରହିଛି ବୋଲି ସେ କୁହନ୍ତି। ଆହୁରି ମଧ୍ୟ କହିଛନ୍ତି କି ଏତେ ବାଟରୁ ଆଣିବା ବେଳକୁ ଗାଡ଼ି ଭଡ଼ା ଅଧିକ ଟଙ୍କା ନେଇଯାଉଛି। ଆଗରୁ ଏଇ ଆଖପାଖ ଉପକଣ୍ଠ ଗାଁ ମାନଙ୍କରେ ତାଳ ମିଳୁଥିଲା ହେଲେ ଏବେ ଉପକଣ୍ଠ ବି ତାଳଗଛ ନାହିଁ। ଯାହା ଫଳରେ ତାଳ ତ ଦୂରର କଥା ତାଳଗଛ ଦେଖିବା ସ୍ୱପ୍ନ ପାଲଟି ଯାଇଛି। ଗଣ୍ଡମୁଣ୍ଡା ପାଖ ତାଳବଣିଆର ନା ଅଛି ହେଲେ ସେଠାରେ ୨ ରୁ ୪ ଟା ତାଳ ଗଛ ରହିଛି। ପୂର୍ବରୁ ସେହି ସ୍ଥାନରୁ ତାଳ ଆଣି ସେ ବେପାର କରୁଥିଲେ ହେଲେ ଏବେ ନିଜ ସହର ସହ ତାଳ ପାଇଁ ଅନ୍ୟ ସହର ଉପରେ ନିର୍ଭର କରିବାକୁ ପଡୁଛି ବୋଲି ସେ କହିଛନ୍ତି।



# ଭୁବନେଶ୍ୱର ସିଟି

# ଉଠାଦୋକାନୀଙ୍କୁ ନ୍ୟାୟ ଦାବିରେ ମାନବାଧିକାର କମିସନଙ୍କୁ ଦାବିପତ୍ର

ଭୁବନେଶ୍ୱର, ୮।୫(ସମିସ)




ଅଶୋକ ନଗରରେ ୨୮ ଜଣ ହକରଙ୍କ ଉପରେ ହୋଇଥିବା ଅନ୍ୟାୟ ଉଚ୍ଛେଦ ଓ ଦୋକାନ ଭଙ୍ଗା ବିରୋଧରେ ଶୁକ୍ରବାର ଏଆଇଟିୟୁସି ଓ ଏଆଇସିସିଟିୟୁ ପକ୍ଷରୁ ଓଡ଼ିଶା ରାଜ୍ୟ ମାନବାଧିକାର କମିସନଙ୍କ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ହୋଇଯାଇଛି। ଏଥିସହ ସୁର ଜେନା ଓ ମହେନ୍ଦ୍ର ପରିଡ଼ାଙ୍କ ନେତୃତ୍ୱରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଗତ ୧୧ ଏପ୍ରିଲ୍ ସକାଳ ପ୍ରାୟ ୮ଟା ସମୟରେ ବିଏମ୍‌ସି ଓ ବିଡିଏର ମିଳିତ ଭାବେ ୨୮ଟି ଦୋକାନକୁ କୌଣସି ପୂର୍ବ ସୂଚନା ନଦେଇ ଅଗଣତାନ୍ତ୍ରିକ ଭାବେ ଭଙ୍ଗାଯାଇଥିଲା। ସୂଚନା ନ ଥିବାରୁ ଦୋକାନୀମାନଙ୍କର ପ୍ରାୟ ୧୬ଲକ୍ଷ ୧ହଜାର ଟଙ୍କାର ସାମଗ୍ରୀ ନଷ୍ଟ କରିବା ସହ ଦୋକାନକୁ ସମ୍ପୂର୍ଣ୍ଣ ଭାବେ ଧୂଳିସାତ କରିଦେଇଛନ୍ତି। ସମ୍ପୃକ୍ତ ଉଠାଦୋକାନୀମାନେ ଦୀର୍ଘ ୪୦ବର୍ଷ ହେବ ବ୍ୟବସାୟ କରି ପରିବାର ପୋଷଣ କରିଆସୁଥିବାବେଳେ ବିଏମ୍‌ସି କର୍ତ୍ତୃପକ୍ଷ ସୁପ୍ରିମକୋର୍ଟର ୨୦୨୪ ମସିହାରେ ପ୍ରଣିତ ଆଇନ୍ ଯଥା ଉଠାଦୋକାନୀଙ୍କୁ ସର୍ବନିମ୍ନ ବଞ୍ଚିବାର ସୁରକ୍ଷା ଆଇନ୍ ୨୦୧୪ ଅନୁସାରେ ଦେଇଥିବା ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରି ନାହାନ୍ତି। ଉଠାଦୋକାନୀମାନେ ବ୍ୟବସାୟ କରିଥିବା ସ୍ଥାନ ସାଧାରଣ ଜନଗଣ କିମ୍ବା ଯାତାୟତ ଏବଂ ଅନ୍ୟାନ୍ୟ ସମସ୍ୟା ସୃଷ୍ଟି କରୁନଥିବାବେଳେ ବିଏମ୍‌ସି ଓ ବିଡିଏର ଏତାଦୃଶ କାର୍ଯ୍ୟ ସମ୍ବିଧାନର ଧାରା ୨୧ ଅନୁସାରେ ଜୀବନ ଓ ଜୀବିକାର ଅଧିକାରକୁ ଲଂଘନ କରିଛି। ମାନବାଧିକାର କମିଶନଙ୍କ ଅଧ୍ୟକ୍ଷ ପ୍ରତିନିଧି ଦଳର ଅଭିଯୋଗକୁ ଗୁରୁତ୍ୱ ସହକାରେ ଗ୍ରହଣ କରିବା ସହ ଏହି ଘଟଣାରେ ମାମଲା ରୁଜୁ କରି ନ୍ୟାୟ ପ୍ରଦାନ ପାଇଁ ପଦକ୍ଷେପ ନିଆଯିବ ବୋଲି ଆଶ୍ୱାସନା ଦେଇଥିଲେ। ତତ୍ ସହିତ ଏଆଇଟିୟୁସି ଓ ଏଆଇସିସିଟିୟୁ ତରଫରୁ ପୀଡିତ ହକରମାନଙ୍କୁ ତୁରନ୍ତ କ୍ଷତିପୂରଣ, ପୁନର୍ବାସ ଓ ସ୍ଥାୟୀ ଜୀବିକାର ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଏହି ପ୍ରତିନିଧିମଣ୍ଡଳିରେ ଦେବେନ୍ଦ୍ର ସାହୁ, ରାକେଶ ପଣ୍ଡା, ଅର୍ଜୁନ ସେଠୀ, ଧନେଶ୍ୱର ବେହେରା, ଜଗା ପ୍ରଧାନ, ଅଭୟ ପଣ୍ଡା, ବିଜୁ ସ୍ୱାଇଁ ଓ ରମେଶ ଜେନା ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଉତ୍କଳ କୁଳପତିଙ୍କୁ ଭେଟିଲେ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ କର୍ମକର୍ତ୍ତା



ଭୁବନେଶ୍ୱର, ୮।୫(ସମିସ): ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ଓଡ଼ିଶା ଶାଖାର ଏକ ପ୍ରତିନିଧି ମଣ୍ଡଳୀ ଉତ୍କଳ ବିଶ୍ୱବିଦ୍ୟାଳୟର ନବନିଯୁକ୍ତ କୁଳପତି ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦଙ୍କୁ ସାକ୍ଷାତ କରି ବିଶ୍ୱବିଦ୍ୟାଳୟର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ମହାସଂଘର ଓଡ଼ିଶା ଶାଖା ସଭାପତି ପ୍ରଫେସର ଶିବବ୍ରତ ଦାସଙ୍କ ନେତୃତ୍ୱରେ ଯାଇଥିବା ପ୍ରତିନିଧି ଦଳ ଶିକ୍ଷାନୁଷ୍ଠାନର ଶୈକ୍ଷିକ ବାତାବରଣରେ ସୁଧାର ସହିତ ବିଭିନ୍ନ ଅସୁବିଧା ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ଡକ୍ଟର ବିପ୍ଳବ କୁମାର ଗୁରୁ, ଡକ୍ଟର ବିଶ୍ୱମୋହନ ଜେନା, ଡକ୍ଟର ଦୀପ୍ତାଂଶୁ ଭୂଷଣ ପତି, ଡକ୍ଟର ସଞ୍ଜୟ କୁମାର ରାଉଳ, ଡକ୍ଟର ଚିତ୍ତରଞ୍ଜନ ପଣ୍ଡା, ପ୍ରଫେସର ଦେବେନ୍ଦ୍ର କୁମାର ବିଶ୍ୱାଳ, ଡକ୍ଟର ଧର୍ମେନ୍ଦ୍ର ଦାସ, ଡକ୍ଟର ପପେସ କୁମାର ଲେଙ୍କା, ଡକ୍ଟର ପ୍ରଫୁଲ୍ଲ କୁମାର ସ୍ୱାଇଁ, ପ୍ରଫୁଲ୍ଲ କୁମାର ଦାସ, କୃଷ୍ଣପଦ ନାୟକ ଓ ଡକ୍ଟର ନାରାୟଣ ମହାନ୍ତି ପ୍ରମୁଖ ସାମିଲ ଥିଲେ।

## କିଶୋର ସାମଲଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ



ଭୁବନେଶ୍ୱର, ୮।୫(ସମିସ): ପୂର୍ବତନ କାଉନସିଲର କିଶୋର ସାମଲଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଚୌଦ୍ୱାର କଲେଜ ପୁରାତନ ଛାତ୍ର ସଂସଦ ପକ୍ଷରୁ ଦୋଳଯାତ୍ରା ପଡ଼ିଆ ସମ୍ମୁଖସ୍ଥ କଳାନିକେତନ କ୍ଲବ ପ୍ରେକ୍ଷାଳୟରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ବିବେକାନନ୍ଦ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିଚାରଣ ସଭାରେ କଟକ-ଚୌଦ୍ୱାରର ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ, ପୂର୍ବତନ ଚେୟାରମ୍ୟାନ ପ୍ରେମଚାନ୍ଦ ନାୟକ, ଚୌଦ୍ୱାର ମୁନିସିପାଲିଟିର ଭାଇସ ଚେୟାରମ୍ୟାନ ଶୁଭେନ୍ଦୁ ସାମଲ୍, ନଗର କଂଗ୍ରେସ ସଭାପତି ହରିହର ପରିଡ଼ା ପ୍ରମୁଖ ଯୋଗଦେଇ ସ୍ୱର୍ଗୀୟ କିଶୋର ସାମଲଙ୍କ ବହୁ ମୁଖୀ ପ୍ରତିଭା ଓ ଅବଦାନ ସମ୍ପର୍କରେ ଆଲୋକପାତ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ର ସଂସଦ ସମ୍ପାଦକ କେଶବ ଚନ୍ଦ୍ର ସାହୁ, କ୍ଷୀରୋଦ ବେହେରାଙ୍କ ସମେତ ବହୁ ସଂଖ୍ୟାରେ ପୁରାତନ ଛାତ୍ର ଏବଂ ବ୍ୟକ୍ତିମାନେ ଯୋଗଦେଇ ସ୍ୱର୍ଗତ ସାମଲଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଇଞ୍ଜିନିୟରିଂ ଛାତ୍ରୀଙ୍କ ଭିଡିଓ ଭାଇରାଲ୍ କରି ପ୍ରେମିକ ଗିରଫ

ଯାଁଳା, ୮।୫(ସମିସ): ଜଣେ ଇଞ୍ଜିନିୟରିଂ ଛାତ୍ରୀଙ୍କ ଅନ୍ତରଙ୍ଗ ସମୟର ଫଟୋ ଭିଡ଼ିଓ ପ୍ରଘଟ କରି ବ୍ଲାକ ମେଲ କରିବା ଅଭିଯୋଗରେ ଇନ୍‌ଫୋଭ୍ୟାଲି ଥାନା ପୁଲିସ ସମ୍ପୃକ୍ତ ପ୍ରେମିକକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ମଦନପୁର ଅଞ୍ଚଳରେ ରହୁଥିବା ଖୋର୍ଦ୍ଧା ବାଣପୁର ଅଞ୍ଚଳର ସଂଗ୍ରାମ ପ୍ରଧାନ। ଅଭିଯୁକ୍ତ ନିକଟରୁ ବ୍ୟବହୃତ ମୋବାଇଲ ଫୋନ୍ ଓ କିଛି ଆପତ୍ତିଜନକ ଫଟୋ ଓ ଭିଡ଼ିଓ ପୁଲିସ ଜବତ କରିଛି।

ସୂଚନା ଅନୁସାରେ, ପୀଡ଼ିତା ମଦନପୁର ଅଞ୍ଚଳର ଏକ ବୈଷୟିକ ଶିକ୍ଷାନୁଷ୍ଠାନର ଛାତ୍ରୀ। ଅଭିଯୁକ୍ତ ମଧ୍ୟ ସେହି ଅଞ୍ଚଳରେ ରହି ଏକ ଶିକ୍ଷାନୁଷ୍ଠାନରେ ପଢୁଥିବା ବେଳେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ବିବାହର ପ୍ରଲୋଭନ ଦେଖାଇ ଅଭିଯୁକ୍ତ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲା। ଏହି ସମୟ ମଧ୍ୟରେ ପୀଡ଼ିତାଙ୍କ ଠାରୁ ସେ ଧାର ସୂତ୍ରରେ ପ୍ରାୟ ୩ ଲକ୍ଷ ଟଙ୍କା ନେଇଥିଲା। ହେଲେ ଅଭିଯୁକ୍ତ ଅନ୍ୟ ଜଣେ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇବା ଜାଣିବା ପରେ ପୀଡ଼ିତା ବିରୋଧ କରିଥିଲେ। ଏହି ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଅଭିଯୁକ୍ତ ପୀଡ଼ିତାଙ୍କ ଅନ୍ତରଙ୍ଗ ସମୟର ଭିଡ଼ିଓ ପ୍ରଘଟ କରିବା ଲାଗି ଧମକ ଦେବା ସହ ଅଧିକ ଟଙ୍କା ଦେବାକୁ ଦାବି କରିଥିଲା। ଏନେଇ ପୀଡ଼ତା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ୧୮୦୦ ଗୋପାଳ ପରିବାରକୁ ଗୁହାଳ ଯୋଗାଇ ଦେବାକୁ ଦାବି

ଭୁବନେଶ୍ୱର, ୮।୫ (ସମିସ): ରାଜଧାନୀରେ ଗରିବ, ଭୂମିହୀନ ସାମାଜିକ ଓ ଆର୍ଥିକସ୍ତରରେ ଅନଗ୍ରସର ଗୋପାଳ ଭାଇ ମାନେ ସରକାରୀ ଜାଗାରେ ଗାଈ ଓ ମଇଁଷି ଗୁହାଳ କରି ପଶୁ ପାଳନ କରି ଦୁଗ୍ଧ ବିକ୍ରି ନିଜ ପରିବାର ପ୍ରତିପୋଷଣ କରୁଛନ୍ତି। ସରକାର ସେମାନଙ୍କୁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଗାଈ ଦେଇଛନ୍ତି। ଏହି ୧୮୦୦ ପରିବାରକୁ ସରକାରୀ ଭାବେ ଗୁହାଳ ଯୋଗାଇ ଦେବାକୁ ଅଲ୍ ଓଡ଼ିଶା ଗୋପାଳ ସମାଜ ରାଜ୍ୟ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଛି।

## ଡବଲ୍ ଟ୍ୟାକ୍ସେସନ୍ ବନ୍ଦ ପାଇଁ ଆମେ ଭୁବନେଶ୍ୱରିଆ ସଂଗଠନର ଦାବି

ଭୁବନେଶ୍ୱର, ୮।୫(ସମିସ)

ଆମେ ଭୁବନେଶ୍ୱରିଆ ସଂଗଠନ (ଭୁବନେଶ୍ୱର ଉନ୍ନୟନ ପରିଷଦ ଓ ଜନ ଜାଗରଣ)ର ଏକ ଶକ୍ତିଶାଳୀ ପ୍ରତିନିଧି ମଣ୍ଡଳୀ ଆଜି ବିଏମ୍‌ସି କମିସନର ଚଞ୍ଚଳ ରାଣାଙ୍କୁ ଭେଟି ଅବୈଧ ୟୁଜର ଫି ଆଦାୟ ତୁରନ୍ତ ବନ୍ଦ କରିବାକୁ ଦୃଢ଼ ଦାବି କରିଛନ୍ତି। ପୂର୍ବତନ ମୁଖ୍ୟ ସଚିବ ତଥା କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ, ଭୁବନେଶ୍ୱର ଉନ୍ନୟନ ପରିଷଦ ସଭାପତି ବାସୁଦେବ ଭଟ୍ଟ, ସୂଚନା ଅଧିକାର ଅଭିଯାନ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ସଂଯୋଜକ ପ୍ରସନ୍ନ ବିଷୋୟୀ, ସଞ୍ଜୟ ଦାସ, ତପନ ମହାନ୍ତି, ଅଶୋକ ପାଇକରାୟଙ୍କ ସହ ଏକ ୨୫ ଜଣିଆ ପ୍ରତିନିଧିଙ୍କ ନେତୃତ୍ୱରେ ଏହି ପ୍ରତିନିଧି ମଣ୍ଡଳୀ ବିଏମ୍‌ସି କମିଶନରଙ୍କ ସହ ଆଲୋଚନା କରିଥିଲେ।

ପ୍ରତିନିଧି ମଣ୍ଡଳୀ ନଗରବାସୀଙ୍କ ତରଫରୁ ବିଭିନ୍ନ ପାର୍କ, କଲୋନୀ ଓ ଆପାର୍ଟମେଣ୍ଟରେ ହୋଇଥିବା ପ୍ରାୟ ୨୦୦୦ରୁ ଅଧିକ ସମର୍ଥନ ଦସ୍ତଖତ ପ୍ରଦାନ କରିଥିଲେ ଏବଂ ମାନ୍ୟବର ଓଡ଼ିଶା ହାଇକୋର୍ଟଙ୍କ ରହିତାଦେଶ ନିଁଶେ ତଥ୍ୟ ପ୍ରଦାନ କରିବା ସହିତ, କିପରି ଷ୍ଟେ ସତ୍ୱେ ବିଏମ୍‌ସି ଦ୍ୱାରା ହେଉଥିବା ଅବୈଧ ୟୁଜର ଫି ଆଦାୟକୁ ନେଇ ଏକ ସ୍ପଷ୍ଟ ଦଲିଲ ଦାଖଲ କରିଥିଲେ। କମିଟିର ଅଧ୍ୟକ୍ଷ ବିଜୟ ପଟ୍ଟନାୟକ ଭୁବନେଶ୍ୱର ମହାନଗର ନିଗମ କମିଶନରଙ୍କ ନିକଟରେ ରଖାଯାଇଥିବା ମୁଖ୍ୟ ଦାବିଗୁଡ଼ିକ ମଧ୍ୟରେ ରହିଛି ହାଇକୋର୍ଟର ଅନ୍ତିମ ରାୟ ନ ଆସିପର୍ଯ୍ୟନ୍ତ ୟୁଜର ଫି ଆଦାୟ ସମ୍ପୂର୍ଣ୍ଣ ଭାବେ ତୁରନ୍ତ ବନ୍ଦ କରିବା, ହୋଲଡିଂ ଟ୍ୟାକ୍ସ ଦେଉଥିବା ସମସ୍ତ ନାଗରିକଙ୍କୁ ୟୁଜର ଫି ରୁ ମୁକ୍ତି ଦେବା, ହାଇକୋର୍ଟରେ ବିଏମ୍‌ସି ଓ ନଗର ଉନ୍ନୟନ ବିଭାଗ ତରଫରୁ ଶୀଘ୍ର ସ୍ପଷ୍ଟୀକରଣ ଏବଂ ଆଫିଡେଭିଟ୍ ଦାଖଲ କରି ମାମଲାର ଶୁଣାଣି ଶେଷ କରିବା, ଆପାର୍ଟମେଣ୍ଟ, କଲୋନି ଏବଂ ବ୍ୟବସାୟୀଙ୍କୁ ଧମକ, ହେରାଣ ଓ ଜୋର୍ ଜବରଦସ୍ତି କରୁଥିବା ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ। ସେହିଭଳି ଦୁଇଥର ଆଦାୟ ଓ ନକଲି ରସିଦ୍ ପ୍ରଦାନ ବନ୍ଦ କରିବା, କେବଳ ବଡ଼ ବ୍ୟବସାୟ ପ୍ରତିଷ୍ଠାନ, ଡାକ୍ତରଖାନା, ହୋଟେଲ ଓ ବଲ୍କ ବର୍ଯ୍ୟବସ୍ତୁ ଉତ୍ପାଦକଙ୍କଠାରୁ ୟୁଜର ଫି ଆଦାୟ କରି ସାଧାରଣ ନାଗରିକଙ୍କୁ ମୁକ୍ତ ରଖିବା ପାଇଁ ମଧ୍ୟ ଦାବି କରାଯାଇଛି।

## ମିଶନ ରକ୍ତଦାନ ପକ୍ଷରୁ ବିଶ୍ୱ ଥାଲାସେମିଆ ଦିବସ




ଭୁବନେଶ୍ୱର, ୮।୫(ସମିସ): ବିଶ୍ୱ ଥାଲାସେମିଆ ଦିବସ ଅବସରରେ ମିଶନ ରକ୍ତଦାନ ପକ୍ଷରୁ ରାଜଧାନୀ ଡାକ୍ତରଖାନା ରକ୍ତ କେନ୍ଦ୍ର ପରିସରରେ ଏକ ରକ୍ତଦାନ ଶିବିର ଆୟୋଜନ ହୋଇଯାଇଛି। ଏଥିରେ ୩୦ ଜଣ ଥାଲାସେମିଆ ଶିଶୁଙ୍କୁ ପାଠ୍ୟ ଉପକରଣ ଯୋଗାଇ ଦିଆଯାଇଛି। ଏହି ଶିବିରକୁ ରକ୍ତ କେନ୍ଦ୍ର ନିର୍ଦ୍ଦେଶିକା ଡ. ଇତିଶ୍ରୀ ଚୌଧୁରୀ ଉଦ୍‌ଘାଟନ କରିଥିଲେ। ସମାଜସେବୀ ମାନୀ ପଣ୍ଡା ଓଡ଼ିଶା ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ ସଭାପତି ସଂଗ୍ରାମ କେଶରୀ ପାଇକରାୟ ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହିତ ସ୍ୱେଚ୍ଛାକୃତ ରକ୍ତଦାନ ସମ୍ପର୍କରେ ଅବଗତ କରିଥିଲେ। ଜାତୀୟ ଯୁବ ପ୍ରକଳ୍ପ ରାଷ୍ଟ୍ରୀୟ ଟ୍ରଷ୍ଟି ମଧୁସୂଦନ ଦାସ ଯୋଗଦେଇ ଓଡ଼ିଶାରେ ରକ୍ତଦାନ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମିଶନ ରକ୍ତଦାନ ସଂଯୋଜକ ବିଭୂତି ଭୂଷଣ ସାହୁ ମିଶନ ରକ୍ତଦାନର ନିୟମିତ କାର୍ଯ୍ୟକ୍ରମ ଏବଂ ଥାଲାସେମିଆ ଶିଶୁଙ୍କୁ ମିଶନ ରକ୍ତଦାନ ତରଫରୁ ରକ୍ତ ଯୋଗାଇ ଦେବା ଉପରେ ଆଲୋକପାତ କରିଥିଲେ। ଏହି ଶିବିରରୁ ୨୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଶେଷରେ ମିଶନ ରକ୍ତଦାନ ପ୍ରତିଷ୍ଠାତା ହର ପ୍ରସାଦ ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିବା ସହିତ ମିଶନ ରକ୍ତଦାନ ଆଗାମୀ ଦିନରେ ନିୟମିତ ଶିବିର ଆୟୋଜନ ଜାରି ରଖିବା ପାଇଁ ବାର୍ତ୍ତା ରଖିଥିଲେ।

## ପ୍ରତାପଶାସନ ବାଳିକା ଉଚ୍ଚ ବିଦ୍ୟାଳୟରେ ୬ ମେଧାବୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ବାଲିଅନ୍ତା, ୮।୫(ସମିସ): ବାଲକାଟି ପ୍ରତାପ ଶାସନ ବାଳିକା ଉଚ୍ଚ ବିଦ୍ୟାଳୟରେ ଆଜି ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ବେଳେ ୬ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟରେ ମୋଟ ୧୦୫ ଜଣ ଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିବା ବେଳେ ପାସ ହାର ୯୯ ପ୍ରତିଶତ ହୋଇଛି। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କେଲୁ ଚରଣ ବେହେରା ସଭାପତିତ୍ୱ କରିଥିଲେ। ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ଶିବ ନାରାୟଣ ମହାନ୍ତି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭକ୍ତ ବତ୍ସଳ ମହାପାତ୍ର, ଆଲୁମିନି ସମ୍ପାଦିକା ବିଜୟଲକ୍ଷ୍ମୀ ମିଶ୍ର, ବେଣୁଧର ଭୋଇ, କୈଳାଶ ଚନ୍ଦ୍ର ଖଟାଇ, ବସନ୍ତ ମଞ୍ଜରୀ ଦାସ, ଜୟଦେବ ସାହୁ, ଏବଂ ଗଙ୍ଗାଧର ଶତପଥୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ବିଭିନ୍ନ ସମସ୍ୟା ଏବଂ ବିକାଶ ମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଶିକ୍ଷକ ବିନୋଦ ସାହୁ ଧନ୍ୟବାଦ ଦେଇଥିଲେ।

## ଭର୍ଚୁଆଲ ମୋଡ୍‌ରେ ସ୍କାଉଟ୍ ଗାଇଡ୍‌ର ଟ୍ରେନିଂ



ଭୁବନେଶ୍ୱର, ୮।୫(ସମିସ): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍‌ସ ଏବଂ ଗାଇଡ୍‌ସ ସଂସ୍ଥାର ରାଜ୍ୟ ପ୍ରୋଗ୍ରାମ ଏବଂ ଟ୍ରେନିଂ ବୈଠକ ଅନ୍‌ଲାଇନ୍ ମାଧ୍ୟମରେ ଅନୁଷ୍ଠିତ ହୋଇଅଛି। ଏହି ପ୍ରୋଗ୍ରାମ ଏବଂ ଟ୍ରେନିଂ କମିଟି ବୈଠକରେ ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡଃ. କାଳିପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ବିଭିନ୍ନ ଜିଲ୍ଲାରୁ ଯୋଗଦେଇଥିବା ଜିଲ୍ଲା ସଂଗଠନ କମିଶନର ତଥା ଜିଲ୍ଲା ତାଲିମ କମିସନରମାନେ ବିଗତ ବର୍ଷରେ ହୋଇଥିବା କାର୍ଯ୍ୟକ୍ରମ, ତାଲିମ ଏବଂ ଆସନ୍ତା ବର୍ଷ ହେବାକୁ ଥିବା କାର୍ଯ୍ୟକ୍ରମ ଏବଂ ତାଲିମ୍ ବିଷୟରେ ରାଜ୍ୟ ମୁଖ୍ୟ କମିସନର ଡଃ. ମିଶ୍ରଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ରାଜ୍ୟ ଯୁଗ୍ମ ସମ୍ପାଦକ ଅନାମିକା ଦାସ ଆଗକୁ ରାଜ୍ୟ ମୁଖ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ତାଲିମ୍ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ବୈଠକକୁ ରାଜ୍ୟ ଯୁଗ୍ମ ସମ୍ପାଦକ ମିହିର ରଞ୍ଜନ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ରାଜ୍ୟ ତାଲିମ କମିଶନର (ଗାଇଡ୍) ଅନୁସୂୟା ସୁନ୍ଦରାୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୩୧ ଦିନରେ ପ୍ରାଥମିକ ଶିକ୍ଷକ ମହାସଂଘ ଷ୍ଟିଅରିଂ କମିଟିର ଧାରଣା




**ଦାବି ପୂରଣ ନହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ**

ଭୁବନେଶ୍ୱର, ୮।୫(ସମିସ): ପ୍ରାଥମିକ ଶିକ୍ଷକ ମହାସଂଘ, ଓଡ଼ିଶାର ଷ୍ଟିଅରିଂ କମିଟି ପକ୍ଷରୁ ଚାଲିଥିବା ଗଣଧାରଣା ଶୁକ୍ରବାର ୩୧ତମ ଦିନରେ ପ୍ରବେଶ କରିଛି। ମହାସଂଘର ଆବାହକ ରାମଲାଲ ପଟେଲଙ୍କ ନେତୃତ୍ୱରେ ରାଜ୍ୟର ବିଭିନ୍ନ ଜିଲ୍ଲା ଓ ବ୍ଲକରୁ ଆସିଥିବା ଶିକ୍ଷକ ନେତା ଓ କର୍ମକର୍ତ୍ତାମାନେ ଲୋୟର ପିଏମ୍‌ଜି ଠାରେ ଧାରଣାକୁ ଅବ୍ୟାହତ ରଖିଛନ୍ତି। ମହାସଂଘ ପକ୍ଷରୁ ପ୍ରାଥମିକ ଶିକ୍ଷକମାନଙ୍କ ଦୀର୍ଘଦିନର ଦୁଇଟି ମୁଖ୍ୟ ଦାବୀ ସରକାରଙ୍କ ସମ୍ମୁଖରେ ଉଠାଯାଇଛି। ପ୍ରଥମତଃ, ସମସ୍ତ ପ୍ରାଥମିକ ଶିକ୍ଷକଙ୍କ ମୂଳ ପଦବୀକୁ ଉନ୍ନତ କରି ରାଜ୍ୟ ସରକାରଙ୍କ ୭ମ ବେତନ କମିଶନ ଅନୁସାରେ ୩୫, ୪୦୦ ଟଙ୍କା ପ୍ରଦାନ କରିବାକୁ ଦାବୀ କରାଯାଇଛି। ଦ୍ୱିତୀୟତଃ, ପ୍ରାଥମିକ ଶିକ୍ଷା ବିଭାଗରେ ଚାଲୁଥିବା ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଥାକୁ ରଦ୍ଦ କରି ୨୦୦୧ ମସିହାରୁ ଏପର୍ଯ୍ୟନ୍ତ ଏସ୍‌ଏସ୍‌ଏସ୍, ଏସ୍‌ଏସ୍ ଓ ଜେଟି ଭାବେ କାର୍ଯ୍ୟରତ ସମସ୍ତ ସମୟକୁ ନିୟମିତ ସେବା ଭାବେ ଗଣନା କରି ନୋଶନାଲ୍ ଇନ୍‌କ୍ରିମେଣ୍ଟ ସହ ସମସ୍ତ ସେବାଜନିତ ସୁବିଧା ପ୍ରଦାନ କରିବାକୁ ଦାବୀ ଉଠିଛି। ମହାସଂଘ କହିଛି ଯେ, ଓଆରଏସ୍‌ପି ୨୦୧୭ ଅନୁଯାୟୀ ବର୍ତ୍ତମାନ ପ୍ରାଥମିକ ଶିକ୍ଷକମାନଙ୍କ ମୂଳ ଗ୍ରେଡ୍ ପେ' ୨୨୦୦ ଟଙ୍କା ଥିବାବେଳେ, ତାହାକୁ ପରିବର୍ତ୍ତନ କରି କେନ୍ଦ୍ରୀୟ ହାର ଅନୁସାରେ ଲେଭଲ ୦୯ ରେ ୩୫, ୪୦୦ ଟଙ୍କା ମୂଳ ବେତନ ଓ ୪୨୦୦ ଟଙ୍କା ଗ୍ରେଡ୍ ପେ' ପ୍ରଦାନ କରାଯାଉ। ପ୍ରକାଶ ଥାଉକି ଗତ ମାସ ୮ ତାରିଖରୁ ବିଧାନସଭା ସମ୍ମୁଖରେ ଆରମ୍ଭ ହୋଇଥିବା ଏହି ଗଣଧାରଣା ଆଜିକୁ ୩୧ ଦିନରେ ପହଞ୍ଚିଥିବା ବେଳେ, ସରକାର ଦାବୀ ପୂରଣ ସମ୍ପର୍କରେ ସ୍ପଷ୍ଟ ଘୋଷଣା ନ କରିପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ମହାସଂଘ ପକ୍ଷରୁ ସୂଚନା ଦିଆଯାଇଛି।

## ଓଡ଼ିଶା ପୁଲିସ ଓ ୟୁନିସେଫ ଦ୍ୱାରା 'ଯୁବେନ୍ତିକା' ଆଉଟରିଚ୍'

ଭୁବନେଶ୍ୱର, ୮।୫(ସମିସ)

ରାଜ୍ୟବ୍ୟାପୀ ଏକ ଅଭିନବ ଜନସମ୍ପର୍କ ଅଭିଯାନ ସ୍ୱରୂପ, ଓଡ଼ିଶା ପୋଲିସ, ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ୟୁନିସେଫ୍‌ର ମିଳିତ ସହଯୋଗରେ 'ଯୁବେନ୍ତିକା'–ସିଡବ୍ଲୁପିଓ ଆଉଟରିଚ୍' କାର୍ଯ୍ୟକ୍ରମ ଅନ୍ତର୍ଗତ ରାଜ୍ୟର ସମସ୍ତ ୫୭୮ଟି ସିଭିଲ୍ ପୋଲିସ ଷ୍ଟେସନରେ କିଶୋର-କିଶୋରୀମାନଙ୍କ ପାଇଁ ଏକ ପାରସ୍ପରିକ ଆଲୋଚନାଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

ଏହି ଅଭିଯାନଟି 'ଇନଫାନସିଆ' ଦ୍ୱାରା ଅନୁପ୍ରାଣିତ, ଯାହା ଶିଶୁମାନଙ୍କ ଅଧିକାର ଏବଂ କଲ୍ୟାଣ ପାଇଁ ସୁରକ୍ଷିତ ଡିଜିଟାଲ୍ ସ୍ଥାନ ବା ଅନଲାଇନ୍ ମାଧ୍ୟମର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥାଏ। ଶିଶୁମାନେ ଯେପରି ଅନଲାଇନ୍ ଦୁନିଆରେ ସୁରକ୍ଷିତ, ସମ୍ମାନଜନକ ଏବଂ ନିର୍ଭୟରେ ଅଂଶଗ୍ରହଣ କରିପାରିବେ, ଏହି କାର୍ଯ୍ୟକ୍ରମ ସେହି ଆବଶ୍ୟକତାକୁ ପ୍ରାଧାନ୍ୟ ଦେଇଥାଏ।

ଏହି ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ (ଡିଜି) ଯୋଗେଶ ବାହାଦୂର ଖୁରାନିଆ କହିଛନ୍ତି କିଶୋରୀ କିଶୋର ମାନଙ୍କ ପାଖକୁ ଏଇ 'ଯୁବେନ୍ତିକା' ମାଧ୍ୟମ ରେ ପହଞ୍ଚିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯେ ଆମେ ପୋଲିସ ବାହିନୀକୁ ଅଧିକ ସହଜ ଏବଂ ଶିଶୁ-ଅନୁକୂଳ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ଦୋହରାଉଛୁ। ୟୁନିସେଫ୍ ଓଡ଼ିଶାର କ୍ଷେତ୍ର କାର୍ଯ୍ୟାଳୟ ମୁଖ୍ୟ ପ୍ରଶାନ୍ତ କୁମାର ଦାଶ କହିଛନ୍ତି, 'କିଶୋର କିଶୋରୀ ମାନଙ୍କୁ ବିଶ୍ୱସ୍ତ ବୟସ୍କ ଫ୍ରଣ୍ଟଲାଇନ କର୍ମୀମାନଙ୍କ ମଧ୍ୟରେ ଆଜିର ଯୁବପିଢ଼ି ସମ୍ମୁଖୀନ ହେଉଥିବା ବିଭିନ୍ନ ଚ୍ୟାଲେଞ୍ଜ, ବିଶେଷକରି ଡିଜିଟାଲ




ଏବଂ ଏପରି ଅନୁଷ୍ଠାନ ଆବଶ୍ୟକ ଯାହାଙ୍କ ପକ୍ଷକୁ ସେମାନେ ବିନା ଭୟ କିମ୍ବା ଦ୍ୱିଧା ରେ ଯାଇପାରିବେ।

ଏହି ଆଉଟରିଚ୍ କାର୍ଯ୍ୟକ୍ରମ କିଶୋର କିଶୋରୀ, ଶିଶୁ କଲ୍ୟାଣ ପୋଲିସ ଅଧିକାରୀ (ସିଡବ୍ଲୁପିଓ) ଏବଂ ଅନ୍ୟାନ୍ୟ ପରିବେଶ ସମ୍ବନ୍ଧୀୟ ବିଷୟ ଉପରେ ଅର୍ଥପୂର୍ଣ୍ଣ ଆଲୋଚନାର ସୁଯୋଗ ସୃଷ୍ଟି କରିଥିଲା। ପୋଲିସ ଥାନା ପରିଦର୍ଶନ ଓ ଆଲୋଚନା ମାଧ୍ୟମରେ ଅଂଶଗ୍ରହଣକାରୀ ମାନଙ୍କ ମଧ୍ୟରେ ସଚେତନତା, ବିଶ୍ୱାସ ଓ ଆତ୍ମବିଶ୍ୱାସ ବୃଦ୍ଧି ପାଇଥିଲା।

